**LOYOLA SCHOOL, BHUBANESWAR**

**Half yearly Evaluation, September - 2025**

**Class –IX** **Subject: 2nd Lang (Odia)** **F.M. = 80** **Times:3 Hrs.**

*Answer to this paper must be written on the paper provided separately.*
*You will not be allowed to write during the first 15 minutes.*
*This time is to be spent in reading the question paper.*
*The time given at the head of this paper is the time allowed for writing the answers.*

---

*This paper comprises of two sections : Section A and Section B. Attempt all questions from Section A. Attempt four questions from section B, answering at least one question each from two books you have studied and any two other questions. The intended marks for questions or parts of questions are given in brackets [ ].*

## Section – A [40 Marks]

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**

1. **ଯେ କୌଣସି ଗୋଟିଏ ବିଷୟରେ (୨୫୦ ଶବ୍ଦରେ) ରଚନା ଲେଖ।** [15]


   a. ଛାତ୍ରମାନେ କିପରି ଆତ୍ମନିର୍ଭରଶୀଳ ହେବେ ସେ ବିଷୟରେ ତୁମର ମତାମତ ଦିଅ । ।

   b. ନାରୀ ସୁରକ୍ଷା

   c. ଓଡ଼ିଶାର ହସ୍ତତନ୍ତ ବିଶ୍ୱ ବିଖ୍ୟାତ । ଆଲୋଚନା କର ।

   d. " ଅରକ୍ଷିତଙ୍କୁ ଦଇବ ସାହା " – ଏହି ପ୍ରବାଦକୁ ଆଧାର କରି ଗପଟିଏ ଲେଖ।

   e. ନିମ୍ନରେ ଦିଆଯାଇଥିବା ଛବିଟିକୁ ଦେଖି ଏହାର ବର୍ଣ୍ଣନା ଦିଅ। ଏହା ତୁମକୁ ଯାହା ସୂଚାଇ ଦେଉଅଛି ତାହା ଉଲ୍ଲେଖ କର ।



[7]

2. **ଯେ କୌଣସି ଗୋଟିଏ ବିଷୟରେ (୧୨୦ ଶବ୍ଦରେ) ପତ୍ର ଲେଖ।**

   a. ତୁମ ଜନ୍ମଦିନରେ ସାଙ୍ଗକୁ ନିମନ୍ତ୍ରଣ କରି ତା' ନିକଟକୁ ପତ୍ର ଲେଖ ।

   b. ତୁମ ଅଞ୍ଚଳରେ ନାଳଗୁଡିକ ଅପରିଷ୍କାର ହୋଇ ପଡ଼ିଥିବାରୁ ତୁମକୁ ନା ନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତାର ପ୍ରତିକାର ପାଇଁ ଅନୁରୋଧ ଭୁବନେଶ୍ୱର ମ୍ୟୁନିସିପାଲଟିକୁ ଦରଖାସ୍ତ ଲେଖ ।

3. ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡିକର ଉତ୍ତର ନିଜ ଭାଷାରେ ଲେଖ। [2x5=10]

   ଆଧୁନିକ ଶିକ୍ଷା ଓ ବିଜ୍ଞାନର ବିକାଶ ଫଳରେ ଯୁଗ ଯୁଗର ପ୍ରାଚୀନ ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି ଏବଂ ତା ସ୍ଥାନରେ ଗଢି ଉଠିଛି ଏକ ନୂତନ ସଂସ୍କୃତି । ଜୀବନ ଧରଣର ମାର୍ଗ ଆଜି ଆଉ ରକ୍ଷଣଶୀଳ ସମାଜର ସଂକୀର୍ଣ୍ଣ ବିଚାରଧାରା ମଧ୍ୟରେ ସୀମିତ ରହିନାହିଁ । ଶିକ୍ଷକ , ଚିକିତ୍ସକ , ଆଇନଜୀବି, ପ୍ରଶାସକ , ବୈଜ୍ଞାନିକ ଇତ୍ୟାଦି ହେବାପାଇଁ ଶିକ୍ଷିତ ଯୁବକମାନଙ୍କ ଆଗରେ ଅନେକ ମାର୍ଗ ଉନ୍ମୁକ୍ତ ହୋଇ ରହିଛି । ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ସମସ୍ତେ ଚାହାନ୍ତି ଏକ ଲୋଭନୀୟ ବୃତ୍ତିରେ ରହି ଜୀବନକୁ ସୁଖୀ ସମୃଦ୍ଧ କରିବା ପାଇଁ । ତେଣୁ

ପୂର୍ବରୁ ଯେଉଁ କାମ କରି ସେମାନେ ଉପାର୍ଜନ କରୁଥିଲେ । ତାକୁ ପରିତ୍ୟାଗ କରି ବର୍ତ୍ତମାନର ଆଧୁନିକ ବୃତ୍ତିକୁ ଆପଣେଇ ଅଧିକ ଉପାର୍ଜନ କରିବା ପାଇଁ ବ୍ୟସ୍ତ । ଏହି ପ୍ରତିଯୋଗିତାରେ ଯେଉଁମାନେ ଜିତିଯାଉଛନ୍ତି ସେମାନେ ବିଜ୍ଞମଣ୍ଡିତ ହୋଇ ନିଜକୁ ଭାଗ୍ୟବାନ ମାନେ କରୁଛନ୍ତି ।

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି । ଛାତ୍ର ଛାତ୍ରୀ ମାନଙ୍କର ରୁଚି ଓ ଶ୍ରଦ୍ଧାକୁ ବିଚାରକୁ ନନେଇ ସମସ୍ତଙ୍କୁ ସେଇ ଗୋଟିଏ ପ୍ରକାରର ଶିକ୍ଷା ଦିଆଯାଇଥାଏ । ବିଶ୍ୱ ବିଦ୍ୟାଳୟର ଶିକ୍ଷା ଶେଷରେ ସେମାନେ ସମସ୍ତେ ସେହି ଗୋଟିଏ ଧାରାରେ ପ୍ରମାଣ ପତ୍ର ଧରି ବାସ୍ତବ କ୍ଷେତ୍ରକୁ ଆସନ୍ତି । ବୈଷୟିକ ଶିକ୍ଷା ଲାଭ କରି ନଥିବା ଛାତ୍ରଛାତ୍ରୀମାନେ ଭୟଙ୍କର ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି , ତେଣୁ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ବୃତ୍ତିକୁ ନିର୍ବାଚନ କରି ସେଥପାଇଁ ନିଜକୁ ପ୍ରସ୍ତୁତ କରିବା ଉଚିତ । ଆଧୁନିକ ସଭ୍ୟତା ହେଉଛି ବସ୍ତୁବାଦୀ ସଭ୍ୟତା । ଏହି ସଭ୍ୟତାରେ ଅର୍ଥ ହେଉଛି ସବୁକିଛି । ତେଣୁ ଅଧିକ ଉପାର୍ଜନ କରିହେଉଥିବା ବୃତ୍ତି ପ୍ରତି ସମସ୍ତଙ୍କର ଆକର୍ଷଣ ବୃଦ୍ଧି ପାଉଛି ।

**a.** ପ୍ରାଚୀନ ସାମାଜିକ ବ୍ୟବସ୍ଥା କାହିଁକି ବିପର୍ଯ୍ୟସ୍ତ ହୋଇ ପଡିଛି ?
**b.** ଆଜିକାଲି ଲୋକମାନେ କ'ଣ ଚାହାନ୍ତି ?
**c.** ଶିକ୍ଷିତ ଯୁବକମାନଙ୍କ ପାଇଁ କେଉଁ ମାର୍ଗ ଉନ୍ମୁକ୍ତ ହୋଇଛି ?
**d.** ଆମ ଦେଶରେ କିପରି ଶିକ୍ଷା ଦିଆଯାଏ ?
**e.** ବୈଷୟିକ ଶିକ୍ଷା ଲାଭ କରି ଛାତ୍ରମାନେ କଣ କରିବା ଉଚିତ ?

**4.** **ନିର୍ଦ୍ଦେଶ ଅନୁସାରେ ଲେଖ।** [1x8 =8]

1. " ଅନୁଚର" ଶବ୍ଦର ଦୁଇଟି ପ୍ରତିଶବ୍ଦ ଲେଖ ।
   A. ଦାସ ଓ ଦନୁଜ
   B. ବାସବ ଓ ସେବକ
   C. ଚାକର ଓ ସେବକ
   D. ବିବୁଧ ଓ ଈଶ

2 "ଉଭା" ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ ।
   A. ମପା
   B. ପୋତା
   C. ଲୁଚା
   D. ମୁଦା

3 "କଥା ଛିଣ୍ଡାଇବା "ର ଅର୍ଥ ବୁଝାଇଦିଅ ।
   A. ଅନ୍ୟାୟ କରିବା
   B. ବିଚାର କରିବା
   C. ନିଷ୍ପତ୍ତି କରିବା
   D. ପ୍ରସ୍ତାବ ଦେବା

4. ଏକ ପଦରେ ପ୍ରକାଶ କର –"ଯାହା ପୂର୍ବରୁ ଶୁଣାଯାଇନଥିଲା "
   A. ପୂର୍ବରୁଶ୍ରୁତ
   B. ପୂର୍ବ ଶୃତ
   C. ଅଶୃତପୂର୍ବ
   D. ଅଶ୍ରୁତପୂର୍ବ

5. ଶୁଦ୍ଧ କରି ଲେଖ – ଅର୍ଣ୍ଣପୂର୍ଣ୍ଣା
   A. ଅନ୍ନପୁର୍ଣ୍ଣା
   B. ଅନ୍ନପୂର୍ଣ୍ଣା
   C. ଅନ୍ୟପୁଣ୍ୟା
   D. ଅର୍ଣ୍ଣପୁର୍ଣ୍ଣା

6. ଅର୍ଥଗତ ପାର୍ଥକ୍ୟ ଦେଖାଅ – ଦାର ଓ ଦ୍ୱାର
   A. ସ୍ତ୍ରୀ ଓ ପ୍ରବେଶ ପଥ
   B. ଦିବସ ଓ ଦରିଦ୍ର
   C. ପ୍ରବେଶ ପଥ ଓ ସ୍ତ୍ରୀ
   D. ସ୍ୱାମୀ ଓ ସ୍ତ୍ରୀ

7. ଦୁଇଟି ଭିନ୍ନ ଅର୍ଥ ଲେଖ- **ବର୍ଣ୍ଣ**
   A. ବର୍ଣ୍ଣନା କରିବା ଓ ଜାତି
   B. ବଳୁଆ ଓ ରଙ୍ଗ
   C. ଅକ୍ଷର ଓ ସଂଖ୍ୟା
   D. ରଙ୍ଗ ଓ ଜାତି

8. ଅସଜଡା ବାକ୍ୟକୁ ସଜାଡି ଲେଖ ।
   A. ମୁଁ ତାକୁ ଯେତେବେଳେ କହେ ଯାହା ସେ ମୋ କଥା ଶୁଣେ ନାହିଁ
   B. ତାକୁ ମୁଁ ଯାହା କହେ ଯେତେବେଳେ ସେ ମୋ କଥା ଶୁଣେ ନାହିଁ
   C. ସେ ମୋ କଥା ଶୁଣେ ନାହିଁ ମୁଁ ତାକୁ ଯେତେବେଳେ ଯାହା କହେ
   D. ମୁଁ ତାକୁ ଯେତେବେଳେ ଯାହା କହେ ସେ ମୋ କଥା ଶୁଣେ ନାହିଁ

## **Section – B** [40 Marks]

**ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ।**

**ଗଳ୍ପ ବିଭାଗ**

**5.** ମହନ୍ତ ମହାରାଜ ଖପା ହୋଇ ଆଜ୍ଞା କରିଛନ୍ତି , " ଆଚ୍ଛା ସେ ତେଲୀ ଟୋକାକୁ ଦେଖିବୁ " ।
   a. ତେଲୀ ଟୋକା କିଏ ? ତା' ଉପରେ ମହନ୍ତ ଖପା ହେବାର କାରଣ କ'ଣ ? [2]
   b. ମହନ୍ତଙ୍କୁ ଖୁସି କରିବାକୁ ସେ କ'ଣ କରିଥିଲା ? [2]
   c. ସେହି ମହନ୍ତଙ୍କୁ ଲୋକେ କେଉଁ ନାମରେ କାହିଁକି ଡ଼ାକୁଥିଲେ ? [3]
   d. ମହନ୍ତ କିପରି ମଲେ ବର୍ଣ୍ଣନା ? [3]

**6.** "ସେପରି ଅସୁବିଧାରେ ନପଡିଲେ ନାରଣ ମାଷ୍ଟ୍ରେ ହାତ ପାତିବା ଲୋକ ନୁହନ୍ତି" ।
   a. ନାରଣ ମାଷ୍ଟ୍ରେ କାହା ପାଖରେ ହାତ ପାତିଥିଲେ ? ତାଙ୍କ ସହିତ କି ସମ୍ପର୍କ ଥିଲା ? [2]
   b. ସେ କେଉଁ ଅସୁବିଧାରେ ପଡି ତାଙ୍କ ହାତ ପାତି ଥିଲେ ? [2]
   c. ନାରଣ ମାଷ୍ଟ୍ରେଙ୍କୁ କେଉଁ ମାନେ ଓ କାହିଁକି ଘର ଭିତରକୁ ଯିବାକୁ ଦେଇନଥିଲେ ? [3]
   d. ନାରଣ ମାଷ୍ଟ୍ରେଙ୍କ ଚରିତ୍ରର ଆଦର୍ଶ କ'ଣ ଥିଲା ? [3]

**7.** " ଏତେ ବଡ ବହପ ! ଘିନୁଆକୁ ଦେଖି ମଟରରେ ପଳାଉଥିଲା । ତା' ହାବୁଡାରୁ ଖସି ଚାଲିଯିବ !"
   a. ଘିନୁଆକୁ ଦେଖି କିଏ ଓ କାହିଁକି ଖସି ଚାଲି ଯାଉଥିଲା ? [2]
   b. ଖସି ଚାଲିଯାଉଥିବା ଲୋକଟିର ଚରିତ୍ର କିପରି ଥିଲା ? [2]
   c. ସେ ଚାଲି ଯାଉଥିଲା ବେଳେ ଘିନୁଆ ତା'ର କି ଅବସ୍ଥା କଲା ? [3]
   d. ଘିନୁଆ କାହାକୁ ଓ କାହିଁକି ମସ୍ତ ଜାନୁଆର ବୋଲି କହୁଥିଲା ? [3]

## କବିତା ବିଭାଗ

**8.** " ନୟନର କୋଣେ ନଜାଗେ ଅଶ୍ରୁ , ବିକାଶେ କାନ୍ତ ଜ୍ୟୋତି
ନିର୍ବାକ ବୀର ନିରେଖେ ଏ ରୂପ , ସ୍ତବଧ କାତର ମତି " ।

a. ଏଠାରେ ବୀର କାହାକୁ କୁହାଯାଇଛି ? ସେ କାହାର ରୂପ ନିରେଖୁ ଥିଲେ ? [2]

b. ସେ ମୁଖରେ ସେ କ'ଣ ଦେଖୁଥିଲେ ? [2]

c. "ସ୍ତବଧ କାତର ମତି" ଏହାର ଅର୍ଥ କ'ଣ ? ତାଙ୍କର ଏପରି ହେବାର କାରଣ କ'ଣ ? [3]

d. ଏହି କବିତାରେ ପୃଷ୍ଠଭୂମି କ'ଣ ? [3]

**9.** "କାଳି ଅନ୍ଧାରରୁ ଚାଲି ଯେ ଅଇଲା ଦେଖି ତ ନାହିଁଛି ତାକୁ ,
ଭାରି ଖ୍ୟାତ ନଈ ନା' ଟି ତାର ଲୋ ତିନି କୋଡ଼ି କୋଶେ ଡାକୁ"

a. ଏଠାରେ କେଉଁ ନଈ କଥା କୁହାଯାଇଛି ? [2]

b. ତା' ସହିତ ଜାଇର କି ସମ୍ପର୍କ ଥିଲା ? [2]

c. ସେ ନଦୀ କାହିଁକି ବିଖ୍ୟାତ ହୋଇଛି ବର୍ଣ୍ଣନା କର ? [3]

d. "ସାହା ମୋ ଥିବୁଟି ମା'" - ଏହା କିଏ କାହାକୁ ଓ କାହିଁକି କହିଛି? [3]

**10.** "ବିପଦ ସାଗରେ ବୁଡ଼ନ୍ତି ମହତ ବିପନ୍ନ ସାହାଯ୍ୟ ପାଇଁ ,
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ ଟାରୁ ମରୁଭୂମେ ଥାଇ " ।

a. ବିପନ୍ନ ବୋଲି କାହାକୁ କୁହାଯାଇଛି ? ତାଙ୍କୁ ସାହାଯ୍ୟ କରିବାକୁ ମହତ କ'ଣ କରିଥାଏ ? [2]

b. ପାନ୍ଥତରୁ କ'ଣ ? ସେ ମରୁଭୂମିରେ ଥାଇ କ'ଣ କରେ ? [2]

c. ତାକୁ ମହତ ବ୍ୟକ୍ତି ସହିତ କିପରି ତୁଳନା କରାଯାଇଛି ? [3]

d. ମହତ ହିଁ ଗର୍ଭରେ ମଧ୍ୟ ଜନ୍ମ ହୋଇଥାଏ । କେଉଁ ଉଦାହରଣ ଦେଇ କବି ଏହାକୁ ପ୍ରମାଣିତ କରିଛନ୍ତି ? [3]

**********************ALL THE BEST**********************